# Akashvani, Sambalpur

## SAMBALPURI NEWS EVENING BULLETIN

## 14 January 2025- 7.02 pm- 7.12 pm.

*********************************************

୧- ଭାରତୀୟ ପାଣିପାଗ୍ ବିଭାଗ୍ ଗଲା ୧୦ ବଛର୍ ଭିତ୍‌ରେ ପ୍ରଯୁକ୍ତି ଆଉ ଭିତିଭୂମିର୍ ବିକାଶ୍ ଦିଗେ ବହୁତ୍ ଆଗ୍‌କେ ବଢ଼ିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଶୁଭାରମ୍ଭ କଲେ ମିଶନ୍ ମୌସମ୍ ।

୨- ରାଜ୍ୟର୍ ସବୁ ପଂଚାୟତ୍ ନ ଖୁଲାଯିବା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍- କହେଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର ପୁରପଲ୍ଲୀ ନ ଉସ୍‌ନାକିଥି ପାଳିତ୍ ହେଉଛେ ମକର୍ ସଂକ୍ରାନ୍ତି ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ସ୍ୱାତୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ଚାଲିଛେ ଖେଲ୍ ।

ମିଶନ୍ ମୌସମ୍ ପିଆଇବି

ଭାରତୀୟ ପାଣିପାଗ ବିଭାଗ ଗଲା ୧୦ ବଛର୍ ଭିତ୍‌ରେ ପ୍ରଯୁକ୍ତି ଆର୍ ଭିତିଭୂମି ବିକାଶ ଦିଗେ ବହୁତ୍ ଆଗ୍‌କେ ବଢ଼ିଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍‌ଠାନେ ଆଏଜ୍ ଭାରତୀୟ ପାଣିପାଗ ବିଭାଗ୍‌ର ୧୫୦ ନମ୍ବର୍ ଥାପ୍‌ନା ଦିବସ୍ ଉଛବ୍‌ଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍, ପାଣିପାଗ୍ ବିଭାଗ୍‌ର ୧୫୦ ବଛର୍ ଯାତ୍ରା ଖାଲି ଦେଶ୍ ସେବା ଦିଗେ ଗୁଟେ ଯାତ୍ରା ନୁହେଁ, ଦେଶର୍ ଆଧୁନିକ୍ ଜ୍ଞାନ୍, କୌଶଲ୍‌ର ଗାରିମାମୟ ଯାତ୍ରା ଆଏ । ବୈଜ୍ଞାନିକ୍ ଅନୁଷ୍ଠାନ୍‌ମାନ୍‌କେ ଗବେଷଣା ଆର୍ ଉଦ୍ଭାବନ୍ ନୂଆ ଭାରତ୍‌ର ଗୁଟେ ଅଂଶବିଶେଷ୍ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ 'ମିଶନ୍ ମୌସମ୍'ର ଶୁଭାରମ୍ଭ୍ କରିକରି କହିଛନ୍, ଭାରତ୍‌କେ କ୍ଲାଇମେଟ୍-ସ୍ମାର୍ଟ ଦେଶ୍ ବନାବାର୍‌କେ ମିଶନ୍ ମୌସମ୍ ମୁଲ୍ କରାଯାଇଛେ । ମିଶନ୍ ମୌସମ୍ ହଉଛେ ନିରନ୍ତର୍ ଭବିଷ୍ୟତ୍ ଆର୍ ଭବିଷ୍ୟତ୍ ପ୍ରସ୍ତୁତି ଦିଗେ ଭାରତର୍ ପ୍ରତିବଦ୍ଧତାର୍ ପ୍ରତୀକ୍ ।

ଇ ଉଧେ ପ୍ରଧାନମନ୍ତ୍ରୀ ଆଇଏମ୍‌ଡିର ଭିଜନ୍-୨୦୪୭ ଡକ୍ୟୁମେଂଟ ଆର୍ ଆଇଏମ୍‌ଡିର୍ ଗୁଟେ ଖାସ୍ ଡାକ୍‌ଟିକଟ୍ ଉନ୍ମୋଚନ୍ କରିଛନ୍ ।

ଇନ ଜନେଇ ଦିଆଯାଇପାରେ, ମିଶନ୍ ମୌସମ୍‌ଥି ପାଣିପାଗ୍ ଉପରେ ତୀକ୍ଷ୍ଣ ନଜର୍ ରଖୁଥିବା ପ୍ରଯୁକ୍ତି ବିଦ୍ୟା ଆର୍ ବ୍ୟବସ୍ଥା, ବାୟୁମଣ୍ଡଲ୍‌ର ଅନୁଧାନ୍ ଲାଗି ଉନ୍ନତ୍ ବ୍ୟବସ୍ଥା କାର୍ଯ୍ୟକାରୀ, ଉନ୍ନତ୍ ରାଡାର୍ ଆର୍ ଉପଗ୍ରହ ବ୍ୟବସ୍ଥା ଆଉ ଉନ୍ନତ୍ କମ୍ପ୍ୟୁଟର୍ ବ୍ୟବସ୍ଥା ରହିଛେ ।

ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଭୁବନେଶ୍ୱର୍ ପିଟିସି

ରାଏଜର୍ ସବୁ ପଂଚାୟତ୍‌ନ ଏଥିର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ଖୁଲ୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚ୍‌ନା ଦେଇଛନ୍ । ନୂଆଦିଲ୍ଲୀନୁ ଫିର୍‌ବାର୍ ଉତ୍‌ରୁ ଭୁବନେଶ୍ୱର ବିମାନବନ୍ଦରଠାନେ ଆଏଜ୍ ଗଣମାଧ୍ୟମ୍ ପ୍ରତିନିଧିଙ୍କୁ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ପଂଚାୟତ୍‌ମାନଙ୍କର ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ରମାନ୍‌କେ ଏଏନ୍‌ଏମ୍, ହେଲ୍‌ଥ ଓ୍ୱାର୍କର୍‌ଙ୍କ ସହେତେ ଯୋଗ ଶିକ୍ଷକ୍‌ମାନେ ରହେବେ । ଆରୋଗ୍ୟ କେନ୍ଦ୍ର ଜରିଏ ଲୁକେ ପୁରା ଚିକିତ୍ସା ସେବା ପାଏବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ          କେନ୍ଦୁଝର୍ ପିଟିସି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍‌ଠାନୁ ତିନ୍‌ଦିନିଆ ଗସ୍ତଥି କେନ୍ଦୁଝର ଯାଇଛନ୍ । ଗସ୍ତର୍ ପହେଲା ଦିନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏଜ୍ ଦିନ୍‌ବେଲର୍ ସାଢ଼େ ୧୧ ବଜେ ପାଟଣା ପରମେଶ୍ୱର ମାହାଦେବ ଗୁଡ଼ି ପାଖେ ଥିବା ବୈତରଣୀ ନଦୀନ ବୁଡ଼୍ ପକେଇଥିଲେ । ତାର୍ ଉତ୍‌ରୁ ପାଟଣା ଅଂଚଲର୍ ଭିନ୍ ଭିନ୍ ମାହାଦେବଗୁଡ଼ିକେ ଯାଇକରି ପୂଜାପାଠ୍ କରିଥିଲେ । ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ କେନ୍ଦୁଝର୍ ଧରଣୀଧର ବିଶ୍ୱବିଦ୍ୟାଳୟ ପଢ଼ିଆଠାନେ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ଆର୍ ବେଲ୍‌ବୁଡ଼େ ବଡ଼ବିଲ୍ ମହୋତ୍ସବ୍‌ର ରୌପ୍ୟ ଜୟନ୍ତୀ ସମାରୋହ୍‌ଥି ଯୋଗ୍‌ଦେବାର କାର୍ଯ୍ୟସୂଚୀ ରହିଛେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ୧୬ ତାରିଖ୍ ଦିନ ଭିନ୍ ଭିନ୍ ସାମାଜିକ୍ କାର୍ଯ୍ୟକ୍ରମଥି ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି

ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମଧ୍ୟାହ୍ନ ଭୋଜନ୍‌ଥି ଗୁରସ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ସ୍କୁଲ୍‌ମାନ୍‌କେ ଏଥର ମଧ୍ୟାହ୍ନ ଭୋଜନ୍‌ଥି ଛାତ୍ରଛାତ୍ରୀମାନ୍‌କୁ ଗୁରସ୍ ଭିଲ୍ ଦିଆଯିବା ବଲି ମତ୍ସ୍ୟ ଆଉ ପଶୁ ସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ଛାତ୍ରଛାତ୍ରୀଙ୍କୁ ପୋଷଣ୍ ଥିବା ଖାଦ୍ୟ ଦେବାର୍ ଲାଗି ଗଲାକାଏଲ୍ ମୟୁର୍‌ଭଞ୍ଜ୍‌ର ରାଇରଙ୍ଗପୁର୍‌ଠାନେ ପାଇଲଟ୍

ପ୍ରୋଜେକ୍ଟ ଭାବେ ଗିଫ୍ଟ ମିଲ୍କ ଯୋଜ୍ନାର୍ ଶୁଭାରମ୍ଭ ହେଇଛେ । ଯୋଜ୍ନାଥି ପହେଲା ଖେପେ ଇ ଜିଲ୍ଲା ନ ଛୁଆମାନ୍କୁ ୨ ଶହ ମିଲିଲିଟର୍ ଲେଖା ଗୁରସ୍ ଦିଆଯିବା ।

ମକର ସଂକ୍ରାନ୍ତି ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ମକର୍ ସଂକ୍ରାନ୍ତି । ଆଏଜ୍ଠାନୁ ସୂର୍ଯ୍ୟ ମକର ରାଶିନ ପ୍ରବେଶ କରିକରି ଉତର୍ ଦିଗ୍କେ ଗତି କର୍ସନ୍ । ରାଏଜେ ଇ ଦିନ୍କେ ମକର ସଂକ୍ରାନ୍ତି ହିସାବେ ମନାଯାଉଥିବାର୍ ବେଲେ ପଞ୍ଜାବ୍ ନ ଲୋହଡ଼ି ଆର୍ ଦକ୍ଷିଣ ଭାରତ୍ ନ ପୋଙ୍ଗଲ୍ ପରବ୍ ପାଲନ୍ କରାଯାଏସି । ଦେଶର୍ ସବୁଆଡ଼େ ଆଏଜ୍ ଲୁକେ ନଦୀ, ବନ୍ଧ ମାନ୍କୁ ବୁଡ଼ ପକେଇକରି ମନ୍ଦିର୍ମାନ୍କୁ ଯାଇକରି ଦେ ଦେବ୍ତାଙ୍କର୍ ଦର୍ଶନ୍ କର୍ସନ୍ ।

ମକର ସଂକ୍ରାନ୍ତି, ଲୋହଡ଼ି, ପୋଙ୍ଗଲ୍ ଆର୍ ମାଘ୍ ବିହୁ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଇ ଅବ୍ସରେ ରାଷ୍ଟ୍ରପତି କହିଛନ୍, ଇ ପର୍ବ ଆମର୍ ସମୃଦ୍ଧ, ସାଂସ୍କୃତିକ୍ ବିରାସତ୍ ଆର୍ ବିବିଧତା ଭିତ୍ରେ ଏକତାର୍ ପ୍ରତୀକ ଆଏ ।

ପବିତ୍ର ମକର୍ ସଂକ୍ରାନ୍ତି ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସଙ୍ଗେ କହିଛନ୍,

ଉତରାୟଣ ସୂର୍ଯ୍ୟଙ୍କୁ ସମର୍ପିତ ଇ ପବିତ୍ର ପର୍ବ ସମ୍‌କର୍ ଜୀବନ୍‌ଥି ନୂଆଁ ଶକ୍ତି ଆଉ ନୂଆଁ ଉତ୍ସାହ ଭରିଦଉ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଜ୍ୟବାସୀଙ୍କୁ ମକର୍ ସଂକ୍ରାନ୍ତିର୍ ଶୁଭେଚ୍ଛା ଜନେଇଛନ୍ ।

ପବିତ୍ର ମକର୍ ସଂକ୍ରାନ୍ତି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସଙ୍ଗେ ସମ୍‌କିରିର୍ ଜୀବନ୍ ସୁଖମୟ ହେଉ ବଲିକରି କାମନା କରିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସଙ୍ଗେ ମକର ସଂକ୍ରାନ୍ତି ଖାଲି ଗୁଟେ ତିହାର୍ ନୁହେଁ, ପ୍ରକୃତି ସାଙ୍ଗେ ଆମର୍ ଅତୁଟ ସମ୍ପର୍କ ଆର୍ ଆମର୍ ପାରମ୍ପରିକ୍ ଐତିହ୍ୟର୍ ପ୍ରତୀକ ବଲି କହିଛନ୍ ।

ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀଜୀଉମାନ୍‌କୁ ମକର ଚୂଳ ଆର୍ ମାଳ ଲାଗି କରାଯାଇକରି ଖାସ୍ ବେଶ କରାଯାଇଛେ । ମହାପ୍ରଭୁଙ୍କୁ ମକର ଚାଉଳ ଆର୍ ଧନୁମୁଆଁ ଭୋଗ୍ ଲଗାଯାଇଛେ ।

ପଶ୍ଚିମ ଓଡ଼ିଶାର୍ ନୃସିଂହନାଥ, ହରିଶଙ୍କର୍, ମା ସମଲେଶ୍ୱରୀ, ପାଟଣେଶ୍ୱରୀ ଆର୍ ସୁରେଶ୍ୱରୀ ପୀଠ ନ ମକର୍‌ସଂକ୍ରାନ୍ତି ଲାଗି ଖାସ୍ ନୀତି କରାଯାଇଛେ । ସୁବର୍ଣ୍ଣପୁର୍ ବିନ୍‌କା ପାପକ୍ଷୟ ଘାଟ୍ ଆର୍ ମହାନଦୀ ତେଲ୍‌ନଦୀ ସଂଗମ୍‌ର ରାମେଶ୍ୱର୍‌ଠାନେ ସ୍ୱର୍ଣ୍ଣପ୍ରୟାଗ ଘାଟ୍ ନ ଲୁକେ ମକର ବୁଡ଼୍ ପକେଇକରି ଉତରାୟଣ ସୂର୍ଯ୍ୟଙ୍କର୍ ପୂଜା କରିଛନ୍ ।

ମକର୍ ସଂକ୍ରାନ୍ତି ଅବ୍‌ସରେ ସମ୍ବଲପୁର ପାଖର୍ ଠେମ୍‌ରା ନ ମକର ମେଲା ମୁଲ୍ ହେଇଛେ । ସେନ୍ତା ବାମ୍‌ରା ନ ଭିଲ୍ ଆଏଜ୍‌ଠାନୁ ମକର ମହୋତ୍ସବ ଆରମ୍ଭ୍ ହେଇଛେ ।

ସେନ୍ତା ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ମକରମେଲା ମୁଲ୍ ହେଇଛେ । ଜିଲ୍ଲାର୍ ପଲ୍‌ସାଗୁଡ଼ା ଠାନେ ପ୍ରସିଦ୍ଧ ମକରମେଲା ଆର୍ ବିହା-ହାଟ୍ ମୁଲ୍ ହେଇଛେ । ଇତାର୍‌ସଙ୍ଗେ ବୌଦ୍ଧର ଶ୍ରୀଜଗନ୍ନାଥମନ୍ଦିର୍, ଚାରିଶମ୍ଭୁ, ରାମେଶ୍ୱର, ରାମଗଡ଼୍‌ର କେଦାରେଶ୍ୱର, ଐତିହାସିକ ଗନ୍ଧରାଡ଼ି ପୀଠ ସହେତେ ଭିନ୍ ଭିନ୍ ଦେବାଳୟ ମାନ୍‌କେ ଖାସ୍ ପୂଜାପାଠ୍ କରାଯାଇଛେ ।

ବୁଗୁଡ଼ା ଆର୍ ବାଣିଗୋଛା ସୁଡ଼ଙ୍ଗ ପିଆଇବି

ଖୋର୍ଦ୍ଧା-ବଲାଙ୍ଗୀର ରେଲ୍ ଲାଇନ୍ ପ୍ରକଳ୍ପଥି ନୟାଗଡ଼ ଜିଲ୍ଲା ବୁଗୁଡ଼ା ଆର୍ ବାଣିଗୋଛା ମଝି ୩ ନମ୍ବର ସୁଡ଼ଙ୍ଗ ବନାବାର୍ କାମ୍ ଗଲାକାଏଲ୍ ସଫଲ୍‌ତାର ସହେତେ ଶେଷ୍ ହେଇଛେ । ବହୁତ୍ ଆହ୍ୱାନ୍‌ର ସାମ୍ନା କରି କରି ଉନ୍ନତ୍ ଜ୍ଞାନ୍ କୌଶଲ୍‌ଥି ବନା ହେଇଥିବା ଇ ସୁଡ଼ଙ୍ଗ କାମ୍‌କେ ଖୋର୍ଦ୍ଧା-ବଲାଙ୍ଗୀର ରେଲ୍ ପ୍ରକଳ୍ପ ଲାଗି ଗୁଟେ ବଡ଼ ମାଇଲ୍‌ଖୁଂଟା ଭାବେ ଦେଖାଯାଉଛେ । ୨ ହଜାର ୬ ଶହ ୨୦ ମିଟର୍ ଲମ୍ବା ଆଉ ୨

ଡିଗ୍ରୀ ବଙ୍କା ଇ ସୁଡ଼ଙ୍ଗ ହେଉଛେ ନୟାଗଡ଼ ଜିଲ୍ଲାର ସବନୁ ବଡ଼ ସୁଡ଼ଙ୍ଗ ।

ଇନ ଜନେଇ ଦିଆଯାଇପାରେ ଯେ, ୩୦୧ କିଲୋମିଟରର ଇ ରେଲ୍ ପ୍ରକଳ୍ପଥି ୭ଟା ସୁଡ଼ଙ୍ଗ କାମ ହଉଛେ । ସବୁଯାକ ସୁଡ଼ଙ୍ଗ ଦଶପଲ୍ଲା ଆଉ ପୁରୁଣାକଟକ ପାହାଡ଼ିଆ ଇଲାକା ଭିତ୍ରେ ରହୁଛେ । ସବୁନୁ ବଡ଼ ସୁଡ଼ଙ୍ଗ ଟି-୭ର ଲମ୍ଭା ୪ କିଲୋମିଟର ୮ ଶହ ୮୫ ମିଟର୍ ରହେବା ଆର୍ ଇଟା ଆଡ଼େଣିଗଡ଼ ପାଖେ ଅଛେ । ନୟାଗଡ଼ର ଇ ସୁଡ଼ଙ୍ଗ ହଉଛେ ପ୍ରକଳ୍ପର୍ ୩ ନମ୍ବର ବଡ଼ ସୁଡ଼ଙ୍ଗ ।

ବନକଲାଗି-ପୁରୀ ପୁରୀ ସମ୍ବାଦଦାତା

ଆଏବା କାଏଲ୍ ମାଘ୍ ମାସର୍ କୃଷ୍ଣ ପକ୍ଷ ଦ୍ୱିତୀୟା ତିଥି ନ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେବା । ସେଥିର୍‌ଲାଗି ଦ୍ୱିତୀୟ ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍ରୁ ବେଲ୍‌ବୁଡ଼ର୍ ପାଖାପାଖି ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ଦତ ମହାପାତ୍ର ସେବକମାନ୍‌କର୍ ଦ୍ୱାରା ଇ ଗୁପ୍ତ ନୀତି କରାଯିବା । ଇ ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଷ୍ଟ୍ରପତି ନିମନ୍ତ୍ରଣ୍        ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବାର୍‌କେ ବୁର୍ଲା ଭୀମ୍‌ସାର୍ ମେଡ଼ିକାଲ୍ କଲେଜ୍‌ର ଡିନ୍ ପ୍ରିନ୍ସିପାଲ୍ ପ୍ରଫେସର୍ ପ୍ରଦୀପ୍ କୁମାର୍ ମହାନ୍ତିଙ୍କୁ ନିମନ୍ତ୍ରଣ୍ କରିଛନ୍ । ଆଏଜ୍ ସମ୍ବଲ୍‌ପୁର୍ ଡାକ୍‌ବିଭାଗ୍ ତର୍‌ଫୁ ପ୍ରଫେସର୍ ଶ୍ରୀ ମହାନ୍ତିଙ୍କୁ ଇ ନିମନ୍ତ୍ରଣ ପତ୍ର ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ- କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ        I&PR

ଉପମୁଖ୍ୟମନ୍ତ୍ରୀ ଆର୍ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ନୂଆଦିଲ୍ଲୀ ଠାନେ କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ଭେଟିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରାଏଜେ ପର୍ଯ୍ୟଟନ୍ ଭିତିଭୂମିର୍ ବିକାଶ୍ ଦିଗେଁ କେନ୍ଦ୍ରମନ୍ତ୍ରୀଙ୍କର୍ ସଙ୍ଗେ  ଆଲୋଚନା କରିଛନ୍ ।

ଭିତର୍‌କନିକା-ମଗର୍ ଗନ୍‌ତି        ଆର୍‌ଏନ୍‌ୟୁ/ କଟକ୍

ଭିତର୍‌କନିକା ଜାତୀୟ ଉଦ୍ୟାନ୍‌ଥି ଆଏଜ୍ ଠାନୁ ମଗର୍ ଗନ୍‌ତି ମୁଲ୍ ହେଇଛେ । ଜଙ୍ଗଲ୍ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା ୨୨ ତାରିଖ୍‌ତକ୍ ଗନ୍‌ବାର୍ କାମ୍ ଚାଲ୍‌ବା । ଇଥିର୍‌ଲାଗି ଭିତର୍‌କନିକାକେ ପର୍ଯ୍ୟଟକ୍‌ମାନ୍‌କର୍ ଯିବାର୍‌ଟା ବନ୍ଦ୍ କରାଯାଇଛେ ।

ବୌଦ୍ଧ-ଗଳ୍ପ ଉତ୍ସବ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପାଲ୍‌ଝର୍ ପିଏମ୍‌ଶ୍ରୀ ଜବାହାର୍ ନବୋଦୟ ବିଦ୍ୟାଳୟ ଠାନେ ମୌଳିକ ସାକ୍ଷରତା ଆର୍ ଭାଷାଜ୍ଞାନ୍ ସମ୍ପର୍କିତ ଗଳ୍ପ ଉତ୍ସବ୍ ହେଇଯାଇଛେ । ନୂଆଁ ଶିକ୍ଷାନୀତି -୨୦୨୦ ଆଧାର୍‌ଥି ଛୁଆମାନ୍‌କର୍ ଭିତ୍‌ରେ ଭାଷଣ୍ କଳାର୍ ବଢ଼ାବାର୍ ଲାଗି ମୁଲ୍ ହେଇଥିବା ଇ ଗଳ୍ପ ଉତ୍ସବ୍ ଗୁଟେ ନୂଆଁ ଚେରେଷ୍ଟା ବଲି ଅତିଥି ମାନେ କହିଛନ୍ ।

ହକି ଇଣ୍ଡିଆ ଲିଗ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଟିମ୍ ଗୋନାସିକା ଆଉ

ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ସେନ୍ତା ହକି ଇଣ୍ଡିଆ ଲିଗ୍ ମହିଲା ବର୍ଗ ପ୍ରତିଯୋଗିତାଥି ଆଏଜ୍ ବେଲ୍‌ବୁଡ଼ର୍ ୬ ବଜୁ ରାଂଚିର୍ ଜୟପାଲ୍ ସିଂ ମୁଣ୍ଡା ହକି ଷ୍ଟାଡ଼ିୟମ୍‌ଠାନେ ଦିଲ୍ଲୀ ଏସ୍.ଜି. ପାଇପର୍ସ- ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ଖେଲ୍ ଚାଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଟିକେ କମିଛେ । ଆଏବା ୩ ଦିନ୍ ତକ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମ୍‌ବା ଆର୍ ଶୀତ୍ ଫେର୍‌ଘାଏ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଦିଆଯାଇଛେ । ସେଆଡ଼େ ଆଏବାକାଏଲ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ କେତେଟା ଜିଲ୍ଲା ନ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ସୂଚ୍‌ନା ଦେଇଛେ ।